## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରାଇକିଆ,(ପ୍ରଦୀପ ବେହେରା) : କନ୍ଧମାଳ ଜିଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମାଷ୍ଟର ସୁନେଲି ପଲେଇ ଆତ୍ମ ସୁରକ୍ଷା ଉପରେ ତାଲିମ ଦେଉଥିଲେ। ଶିବିରରେ ସାମିଲ ହୋଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ମହାବିଦ୍ୟାଳୟ ଅଧକ୍ଷ ପ୍ରଭାକର ରାଉ୍ତ, ବକ୍ତା ଭାବେ ପ୍ରାଧାପକ ଉମାକାନ୍ତ ରଥ, ଅଧାପକ ଡ ସନ୍ତୋଷ ନାୟକ, ଅଧାପିକା ମଞ୍ଜୁଳା ସାହୁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ନିଜ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପରାମର୍ଶ ଦେଇଥିଲେ।



## ସଂକ୍ଷେପରେ

### ପଙ୍କଳବାଡ଼ିରେ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧରାକୋଟ,୧୧।୩ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଡଉଗାଁ ପଞ୍ଚାୟତ ପଙ୍କଳବାଡି ଗ୍ରାମରେ ନୂତନ ହନୁମାନ ବିଗ୍ରହ, ଚଣ୍ଡୀ ମନ୍ଦିର, ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଯାଇଛି । ପ୍ରତିଷ୍ଠା ଉତ୍ସବ ଆରମ୍ଭରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ଉଦଯାପନୀରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ,ସରପଞ୍ଚ ପ୍ରତିନିଧି ସଞ୍ଜୟ ପାତ୍ର, ସମାଜିକ କର୍ମୀ ଦିଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ନାମ ଆରମ୍ଭ, ସାଲା ପୂଜା, ଦେବାଳୟ ପ୍ରତିଷ୍ଠା, ଦେବତା ପ୍ରାଣ ପ୍ରତିଷ୍ଠା, ନଗର ଭ୍ରମଣ ଓ ସିଂହାସନ ଆରୋହଣ ପରେ ଧ୍ୱଜ ଚକ୍ର ତ୍ରିଶୂଳ ସ୍ଥାପନ କରି ପୂର୍ଣ୍ଣାହୁତି ହୋଇଥିଲା । ପ୍ରତିଷ୍ଠା ଉତ୍ସବରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଦୀପ ଧରି ପ୍ରତିବାଦ କଲା ନିଖିଳ ଓଡିଶା ଇସି ସଂଘ

ଛତ୍ରପୁର,୧୧।୩(ଦିଲ୍ଲୀପ ସାମଲ)

ଛତ୍ରପୁର ଭିଆଇପି ରୋଡ଼ଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ନିଖିଳ ଓଡିଶା ଇସି ସଂଘର ସଭ୍ୟମାନେ ଦୀପ ଧରି ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ନୂଆ ସରକାର ଓଡିଶା ଜୀବିକା ମିଶନ ଓ ମିଶନଶକ୍ତିର କର୍ମଜୀବୀ ମହିଳାଙ୍କ ଉପରେ ପ୍ରତିହିଂସା ପରାୟଣ ହୋଇ ପୁର୍ନଗଠନ ଆଳରେ କରିଥିବା ବହିଷ୍କାର ଆଦେଶ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରି ଏହାକୁ ନିଖିଳ ଓଡିଶା ଇ.ସି ସଂଘ ଛତ୍ରପୁର ଶାଖା ପ୍ରତିବାଦ ଦିବସ ଭାବେ ପାଳନ କରିଥିଲା। ନିଖିଳ ଓଡିଶା ଇସି ସଂଘର ସଭାପତି ଶୈଳବାଳା ରଥଙ୍କ ଅଧକ୍ଷତାରେ ଏହି ପ୍ରତିବାଦ ସଭା ହୋଇଥିଲା।

### ଦିବ୍ୟଜୀବନ ସଂଘର କର୍ମକର୍ତ୍ତା ଚୟନ

ଜି.ଉଦୟଗିରି ୧୧।୩ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଦିବ୍ୟ ଜୀବନ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଆଦିତ୍ୟ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଏବଂ ଗୁରୁ ପ୍ରେମାନନ୍ଦ ଜି.ସରସ୍ୱତୀଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ସଂଘ ଆଶ୍ରମର ବିଭିନ୍ନ ଉନ୍ନୟନ ମୂଳକ କାମ ଯେପରି ପାଚେରୀ ନିର୍ମାଣ, ପରିବେଶ ସୌନ୍ଦର୍ଯ୍ୟ କରଣ ଆଦି ବିଷୟରେ ଆଲୋଚନା ହେବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବୈକୁଣ୍ଠ ନାଥ ସାହୁ, ଉପସଭାପତି ଭାବେବ ବାସୁଦେବ ପ୍ରଧାନ, ସମ୍ପାଦକ ଭାବେ ଡ.ପ୍ରସନ୍ନ କୁମାର ତ୍ରିପାଠୀ, ସହ ସମ୍ପାଦକ ଶ୍ରୀରାମ ପଦାରବିନ୍ଦ ଆଚାର୍ଯ୍ୟ, କୋଷାଧକ୍ଷ ଅମରେନ୍ଦ୍ର ସାହୁ, ଉପଦେଷ୍ଟା ମଣ୍ଡଳୀରେ ଅନ୍ତର୍ଯ୍ୟାମି ପ୍ରଧାନ, ମାଜିରା ପ୍ରଧାନ, ବଳରାମ ସାହୁ, ଚତୁର୍ଭୁଜ ସାହୁ, ଅଶୋକ ପଟ୍ଟନାୟକ, ସୁଷମା ପ୍ରଧାନ, ସଞ୍ଜୁବାଳା ସାହୁ, କବିତା ପଟ୍ଟନାୟକ, ଅଦୈତ୍ୟ ପ୍ରସାଦ ମହାନ୍ତି, ସରୋଜିନୀ ପ୍ରଧାନ, ଭୀମସେନ ପାତ୍ର ପ୍ରମୁଖଙ୍କୁ ମନୋନିତ କରାଯାଇଛି।

### କବାଟ ତାଡି ମା'ପୁଅଙ୍କୁ ଘରେ ପ୍ରବେଶ କରାଇଲେ ଲୋକେ

ଜଗନ୍ନାଥ ପ୍ରସାଦ, ୧୧।୩(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳରେ ଘରୋଇ କଳିରେ ଜଣେ ବିଧବା ମାଆ ଓ ପୁଅଙ୍କୁ ବାହାରେ ବସାଇ ବୋହୂର ପରିବାର ଲୋକେ ଘରେ ରହିଥିବା ଘଟଣାରେ ମଙ୍ଗଳବାର ସ୍ଥାନୀୟ ଲୋକେ ପୋଲିସ ଅଧିକାରୀ ଓ ମାଜିଷ୍ଟ୍ରେଟ ଉପସ୍ଥିତିରେ ଘର କବାଟ ତାଡି ଘର ଭିତରକୁ ମା'ପୁଅଙ୍କୁ ପ୍ରବେଶ କରାଇଛନ୍ତି। ହନୁମାନ ମନ୍ଦିର ପଛ ଗଳିରେ ପୁଅ ସୌମ୍ୟରଞ୍ଜନ ସହ ରହନ୍ତି ସ୍ୱର୍ଣ୍ଣବାଳା ମହାପାତ୍ର । ପୁଅର ବିବାହ ପରଠାରୁ ଘରେ ଅଶାନ୍ତି ଲାଗି ରହିଥିଲା। ସ୍ତ୍ରୀ ଶାଶୁ ଘର ଛାଡି ବାପଘର ଖଲିକୋଟ ଥାନା କେଶପୁର ଅଞ୍ଚଳରେ ଯାଇ ରହୁଥିଲେ। କିଛି ଦିନ ପରେ ସ୍ୱର୍ଣ୍ଣବାଳା ବୋହୂଙ୍କୁ ଡାକିବାକୁ ଯାଇଥିଲେ ମଧ ସେ ଆସି ନ ଥିଲେ। କିଛି ଦିନ ପରେ ବୋହୂ ଶାଶୁଘରକୁ ଆସିବାରୁ ତାଙ୍କୁ ସ୍ୱର୍ଣ୍ଣବାଳା ଗ୍ରହଣ କରି ନ ଥିଲେ। ପରେ ବୋହୂ ତାଙ୍କ ବାପଘରକୁ ଫେରିଯାଇଥିଲେ। ନିକଟରେ ସ୍ୱର୍ଣ୍ଣବାଳାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ବ୍ରହ୍ମପୁର ଚିକିତ୍ସା ପାଇଁ ଯାଇଥିଲେ। ସେଠାରୁ ସୋମବାର ଫେରି ଦେଖିବା ବେଳେକୁ ତାଙ୍କ ଘର କବାଟ ଓ ସିସିଟିଭି ଭଙ୍ଗାଯାଇଥିବା ଏବଂ ଘର ଭିତରେ ବୋହୂ ତାର ବାପଘର ଲୋକଙ୍କୁ ନେଇ ରହିଥିବା ଦେଖିବାକୁ ପାଇଥିଲେ।

# ମହିଳାମାନେ ସୁଦୃଢ, ସ୍ୱାବଲମ୍ବୀ ହେବେ: ଜିଲାପାଳ

## ଲକ୍ଷପତି ଦିଦି ହେବାକୁ ପ୍ରଶିକ୍ଷଣ

ଛତ୍ରପୁର,୧୧।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)


କର୍ମଶାଳାରେ ଉପସ୍ଥିତ ମହିଳାମାନେ।

ମିଶନ ଶକ୍ତି ବିଭାଗ ଅନ୍ତର୍ଗତ ଓଡିଶା ଜୀବୀକା ମିଶନ ଦ୍ୱାରା ଓଡିଶାର ପ୍ରତ୍ୟେକ ମହିଳା ଆର୍ଥିକ ସୃଦଢ ହୋଇ ଯେଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସମ୍ପର୍କିତ ଗଞ୍ଜାମ ଜିଲାସ୍ତରୀୟ କର୍ମଶାଳା ଛତ୍ରପୁର ଅନସ୍ଲୋ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ନିଜ ବକ୍ତବ୍ୟରେ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ଲକ୍ଷପତି ଦିଦି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାଙ୍କ ଆର୍ଥିକ ସ୍ଥିତିର ଉନ୍ନତି ସହ ସେମାନଙ୍କୁ ସୁଦୃଢ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ ରହିଛି। ପ୍ରତ୍ୟେକ ମହିଳା କୃଷି ଓ ବ୍ୟବସାୟ ସମ୍ପର୍କିତ ଜ୍ଞାନ ଆହରଣ କରି ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ଯୋଜନାରେ ସାମିଲ ହୋଇ ସେଥିରୁ ଉପକୃତ ହୋଇପାରିବେ। କୃଷିଭିତ୍ତିକ ପରିବା ଚାଷ ତଥା ବ୍ୟାଙ୍କ ସେବା ମାଧ୍ୟମରେ ବିଭିନ୍ନ ରୋଜଗାର ପନ୍ଥା ଗ୍ରହଣ କରି ନିଜର ଆର୍ଥିକ ମାନଦଣ୍ଡର ଉନ୍ନତି ଆଣି ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରର ଉନ୍ନତି କରିପାରିବେ । ନିଜ ଗାଁ ତଥା ନିଜେ ବସ,ବାସ କରୁଥିବା ଅଞ୍ଚଳର ସମ୍ବଳକୁ ନେଇ ବିନିଯୋଗ କରିପାରିବେ, ଯଦ୍ୱାରା ନିଜେ ରୋଜଗାର କରି ତାହାର ସଞ୍ଚୟ କରି ଲକ୍ଷପତି ଦିଦି ହେବାର ସୁଯୋଗ ପାଇପାରିବେ । ଏଥି ସକାଶେ ଜିଲ୍ଲା ପ୍ରଶାସନ ସବୁବେଳେ ସହଯୋଗ କରିବ ବୋଲି ଜଣାଇଥିଲେ । ଓଡିଶା ଜୀବୀକା ମିଶନର ଜିଲ୍ଲା ଯୋଜନା ଅଧିକାରୀ ସନ୍ତୋଷ ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ । କୃଷି, ଉଦ୍ୟାନ, ପ୍ରାଣୀ ସମ୍ପଦ, ମତ୍ସ୍ୟ ବିଭାଗ ପକ୍ଷରୁ ଲକ୍ଷପତି ଦିଦି ନିମନ୍ତେ କ'ଣ ସବୁ ଯୋଜନା ରହିଛି ଏଥିରୁ କିଭଳି ଫାଇଦା ପାଇବେ ତାହା ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉଦ୍ୟାନ ବିଭାଗୀୟ ଉପନିର୍ଦ୍ଦେଶକ କନ୍ଦ ଜେନା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶୁଭ୍ରକାନ୍ତ ମହାନ୍ତି, ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ନିମାଇଁ ଚରଣ ବସ୍ତି, ଲିଡ ବ୍ୟାଙ୍କ ପରିଚାଳକ ହିମାଞ୍ଚଳ ସାହୁ, ଜିଲ୍ଲା ଶିଳ୍ପ ବିଭାଗ ସାଧାରଣ ପରିଚାଳକ ହୃଷିକେଶ ବେହେରା, ଓରମାସ ଡେପୁଟି ସିଇଓ ସତ୍ୟ ସୁନ୍ଦର ପାଇଟାଲ ପ୍ରମୁଖ ନିଜ ନିଜ ବିଭାଗର କାର୍ଯ୍ୟକାରିତା, ଯୋଜନା ଏବଂ ମହିଳା ଏଥିରୁ କିଭଳି ଲକ୍ଷପତି ଦିଦି ହୋଇ ଲାଭ ପାଇବେ ତାହା ଅବଗତ କରାଇଥିଲେ । ଜିଲାର ଦୁଇ ହଜାରରୁ ଅଧିକ ମହିଳା ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ ।

# ଜଳସାଥି ମହାସଂଘର ଦାବିପତ୍ର ପ୍ରଦାନ

ଛତ୍ରପୁର,୧୧।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଜଳସାଥି ମହାସଂଘ ପକ୍ଷରୁ ୨୦ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୨୦୧୯ରେ ରାଜ୍ୟରେ ଜଳ ଯୋଗାଣ ପରିଚାଳନାରେ ପ୍ରୋତ୍ସାହିତ କରିବା ପାଇଁ ୫ଟି ଅଧୀନରେ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଜଳସାଥି ନିଯୁକ୍ତି ଆରମ୍ଭ କରାଯାଇଥିଲା। ରାଜ୍ୟର କର୍ପୋରେଶନ, ୪୫ ମ୍ୟୁନିସିପାଲିଟି ଏବଂ ୫୯ ଏନ୍‌ଏସିରେ ୮୬୦ ଜଳସାଥୀ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ନିୟମିତ ବେତନ ଏବଂ ସାମାଜିକ ନିରାପତ୍ତାର ସୁବିଧା, ସର୍ବନିମ୍ନ ବେତନ, ବାର୍ଷିକ ବୋନସ, ସମସ୍ତଙ୍କୁ ବୀମାଭୁକ୍ତ କରିବା, ୟୁନିଫର୍ମ, ଜୋତା, ଛତା, ଗ୍ଲୋଭସ ଏବଂ ଦୁଇ ଚକିଆ ଯାନ ଯୋଗାଇବା,ସଂଗୃହୀତ ବିଲ ଦେୟ ଜମା କରିବାରେ ସାହାଯ୍ୟ କରିବାକୁ ଆକାଉଣ୍ଟରେ ସର୍ବନିମ୍ନ ୧ ଲକ୍ଷ ଟଙ୍କାର ଏକ ବ୍ୟାଙ୍କ ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ, ପ୍ରୋଭିଡେଣ୍ଟ ପାଣ୍ଠି ଏବଂ ଗ୍ରାଚ୍ୟୁଇଟି ପ୍ରଦାନ, ମୃତ୍ୟୁକାଳୀନ ସହାୟତା ବାବଦରେ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ବୈଷୟିକ ତାଲିମ ଆଦି ଦାବି ରହିଛି।

# ସମ୍ମାନିତ ହେଲେ ୩୦ ଲକ୍ଷପତି ଦିଦି

ପାରଳାଖେମୁଣ୍ଡି,୧୧।୩(ଗିରିଧାରୀ ପରିଚ୍ଛା)

ଓଡ଼ିଶା ଜୀବିକା ମିଶନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ସ୍ଥାନୀୟ ଗଜପତି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଓଡ଼ିଶା ଜୀବିକା ମିଶନ ପରିଚାଳକ ଟିମନ ବାରା ଉପସ୍ଥିତ ଥିଲେ। ଏହି ଅବସରରେ ସଫଳତା ଲାଭ କରିଥିବା ୩୦ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। କର୍ମଶାଳାରେ କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଯୋଜନା କାର୍ଯ୍ୟକାରୀ କରାଯାଉଛି। କମ୍ୟୁନିଟି ସପୋର୍ଟମାନେ ତୃଣମୂଳସ୍ତରରେ କିଭଳି ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିବେ ସେନେଇ ଉପଯୁକ୍ତ ପ୍ରଶିକ୍ଷଣ ଦେବା ନେଇ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ଥାନୀୟ ଗ୍ରାମୀଣ ମହିଳାମାନଙ୍କୁ ଅର୍ଥନୈତିକ ସଶକ୍ତ କରିବା, ବିଶେଷକରି ସ୍ୱୟଂ ସହାୟକ ଗୋଷ୍ଠୀରେ ନିୟୋଜିତ ଥିବା ଉଦ୍ୟୋଗୀଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କରି ପ୍ରୋତ୍ସାହିତ କରିବା, ଏବଂ ଗ୍ରାମୀଣ ଗରିବ ମହିଳାଙ୍କୁ ସୁଦୃଢ଼ କରିବା ଲକ୍ଷପତି ଦିଦି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। ଜିଲାର ଲକ୍ଷପତି ଦିଦିମାନେ ଉପସ୍ଥିତ ରହି ଲକ୍ଷ୍ୟପତି ଦିଦି ହେବାର ଅନୁଭୂତି କହିଥିଲେ।

# ଆତ୍ମବିଶ୍ୱାସ ବଢ଼ିଲେ ଜଣେ ଲକ୍ଷପତି ଦିଦି ହୋଇ ପାରିବେ

ଫୁଲବାଣୀ, ୧୧।୩ (ରାକେଶ କୁମାର ରାଉତ)

ଫୁଲବାଣୀ କରୋନେଶନ ପଡ଼ିଆରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଜିଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଅମ୍ରିତ୍ ଋତୁରାଜ୍ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଆମର ସିଆର୍‌ପି ଓ ଏମ୍‌ବିକେମାନଙ୍କର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମସ୍ତ ବିକାଶମୂଳକ କାର୍ଯ୍ୟକୁ ସେହିମାନେ ହିଁ ସଫଳ କରୁଛନ୍ତି। ବ୍ୟାଙ୍କରୁ ଋଣ ନେଇ ବସି ରହିଲେ ସେମାନେ ଲକ୍ଷପତି ଦିଦି ହୋଇପାରିବେ ନାହିଁ କି ଭବିଷ୍ୟତରେ ଆଉ ବ୍ୟାଙ୍କରୁ ଋଣ କରିପାରିବେ ନାହିଁ। ବ୍ୟାଙ୍କକୁ ମଧ ଋଣ ଦେବାପାଇଁ ବାଧ କରାଯାଇପାରିବ ନାହିଁ। ସେହି ଗୋଷ୍ଠୀମାନେ ଋଣ ପାଇବେ ଯେଉଁମାନେ ବ୍ୟାଙ୍କ ଋଣକୁ ଆୟ ସୃଷ୍ଟିକାରୀ କାର୍ଯ୍ୟରେ କ୍ଷୁଦ୍ର ବ୍ୟବସାୟ କରି ମୂଳଧନକୁ ବଢ଼ାଇଥିବେ। ସମସ୍ତ ଖର୍ଚ୍ଚ ଓ ଋଣ ଟଙ୍କା ଶୁଝିବା ପରେ ଯଦି ବାର୍ଷିକ ୧ ଲକ୍ଷରୁ ଅଧିକ ଲାଭ ମିଳେ ତେବେ ଲକ୍ଷପତି ଦିଦି ସୃଷ୍ଟି କରିପାରିଛେ ବୋଲି ଆମେ କହିପାରିବା ବୋଲି ଜିଲାପାଳ କହିଥିଲେ। ଚଳିତ ବର୍ଷ ଗୋଷ୍ଠୀମାନଙ୍କୁ ୪ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି। ସେମାନେ ଅଧିକ ପରିଶ୍ରମ କରି ସେମାନଙ୍କ ବ୍ୟବସାୟରେ ସଫଳ ହୋଇ ୭ରୁ ୮ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ନିଅନ୍ତୁ ବୋଲି ଜିଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଲକ୍ଷପତି ଦିଦି ହେବାର କୌଶଳ ବିଭାଗୀୟ ଅଧିକାରୀମାନଙ୍କଠାରୁ ଶିକ୍ଷାଲାଭ କରିବା ପାଇଁ ଏଭଳି ଏକ କର୍ମଶାଳାର ଆୟୋଜନ କରାଯାଇଛି ବୋଲି କହିଥିଲେ। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ ମହିଳାମାନଙ୍କୁ ସଶକ୍ତ କରିବାକୁ ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରତି ବ୍ଲକରୁ ଜଣେ ଲେଖାଏ ଲକ୍ଷପତି ଦିଦି ସମ୍ମାନିତ ହୋଇଥିଲେ। କର୍ମଶାଳାକୁ ଏମ୍‌ଆଇଏସ୍‌ର ଶୁଖରନ ସାହାଣୀ ପରିଚାଳନା କରିଥିଲେ। ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦୁର ସ୍ୱାଇଁ, ମୁଖ୍ୟ ଜିଲା ପରିଚାଳକ ଗୋପବନ୍ଧୁ ଦାଶ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶିବ କୁମାର ପାଟିଲ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଜୟାଲକ୍ଷ୍ମୀ ବେହେରା, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ମୁଖ୍ୟ ଜିଲା କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ଅତିରିକ୍ତ ଜିଲା ଉଦ୍ୟାନ କୃଷି ଅଧିକାରୀ ବିନୋଦ ଜେନା, ଫୁଲବାଣୀ ବିଡିଓ ସୌମ୍ୟରଞ୍ଜନ ପାତ୍ର, ମିଶନଶକ୍ତି ଡିପିସି ରାମ ତାଣ୍ଡି, ଓଏଲ୍‌ଏମ୍ ଡିପିସି ହେମନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିମାନେ କର୍ମଶାଳାକୁ ଉଦ୍‌ଘାଟନ କରୁଛନ୍ତି।

# ସାର୍ଟିଫିକେଟରେ ପରିବର୍ତ୍ତନ, ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ଛାତ୍ର

ଦାରିଙ୍ଗବାଡି, ୧୧।୩ (ଅରୁଣ ସାହୁ)


ଦିବ୍ୟାଙ୍ଗ ପୁଅର ପ୍ରମାଣପତ୍ର ଧରିଛନ୍ତି ମା'।

ଦିବ୍ୟାଙ୍ଗଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ତେବେ କିଛିଟା ତ୍ରୁଟି ପାଇଁ ଅନେକ ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ୍ ଅଞ୍ଚଳରେ। ପ୍ରକାଶ ଯେ, ଉକ୍ତ ବ୍ଲକ୍ ଦାସିଙ୍ଗବାଡ଼ିର ଇଗ୍ନେଶ ବଳିୟାରସିଂଙ୍କ ୧୩ ବର୍ଷର ପୁଅ ମାର୍ଟିନ ଜନ୍ମରୁ ମସ୍ତିଷ୍କ ପକ୍ଷାଘାତରେ ଆକ୍ରାନ୍ତ ତାଙ୍କୁ ୨୦୧୫ ମାର୍ଚ୍ଚ ୧୦ରେ ୯୦ ପ୍ରତିଶତ ଦିବ୍ୟାଙ୍ଗ ରହିଥିବା ନେଇ ପ୍ରମାଣ ପତ୍ର ସଂଖ୍ୟା ୨୧୧୬୧୫୩୦୦୪୯ ପ୍ରଦାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ୨୦୨୩ରେ ଅନଲାଇନ ସାରିଫିକେଟ ପ୍ରଦାନ କରାଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଡକାଯାଇ ମାର୍ଟିନଙ୍କୁ ପୁନର୍ବାର ଏକ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ମାତ୍ର ୬୦ପ୍ରତିଶତ ଦିବ୍ୟାଙ୍ଗ ରହିଥିବା ସେହି ସମୟରେ ଡାକ୍ତର ପରୀକ୍ଷା କରି ଏପ୍ରେଲ ୪ରେ ସାର୍ଟିଫିକେଟ ସଂଖ୍ୟା (ଓଡି ୨୧୧୦୩୨୦୧୦୦୧୪୦୫୪୯) ପ୍ରଦାନ କରିଛନ୍ତି। ଫଳରେ ମାର୍ଟିନ ସରକାରଙ୍କ ମାସିକ ଭତ୍ତା ବୃଦ୍ଧିର ଫାଇଦା ନେଇପାରୁନଥିବା ନେଇ ମାର୍ଟିନାଙ୍କ ମା' ସଲମୀ ନାୟକ ଦାରିଙ୍ଗବାଡ଼ି ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ରଶ୍ମିତା ସେନାପତିଙ୍କ ନିକଟରେ ଅଭିଯୋଗ ଜଣାଇଛନ୍ତି। ଏନେଇ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ କହିଛନ୍ତି ଯେ, ମାର୍ଟିନଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। କୌଣସି କାରଣରୁ ତାଙ୍କୁ ପ୍ରମାଣପତ୍ର ମିଳିଛି ତାର ବିଚାର କରାଯିବା ଆବଶ୍ୟକ ସେ ଏନେଇ ମାର୍ଟିନ ଙ୍କ ମା' ଅଭିଯୋଗ କରିଥିବା କହିଛନ୍ତି। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି ଯେ, ସେ ଏହାର ତଦନ୍ତ କରାଯିବ। ପୁଣି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରି ପୁନଃ ସାର୍ଟିଫିକେଟ ପ୍ରଦାନ କରାଯାଇପାରିବ। ଏନେଇ ବିଡ଼ିଓ ପ୍ରୀତିରଞ୍ଜନ ରଥ ମଧ ସମାନ ମତାମତ ଦେଇ କହିଛନ୍ତି ଯେ, ପୁନଃ ମାର୍ଟିନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସରକାରୀ ଭତ୍ତା ବୃଦ୍ଧିର ଫାଇଦା ପାଇବା ଦରକାର।

## ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଆର.ଉଦୟଗିରି,୧୧।୩ (ମନୋଜ କୁମାର ପାଢୀ)

୧୨ବର୍ଷ ଧରି ଜୁନିୟର ରେଡକ୍ରସରେ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଥିବା ଆର . ଉଦୟଗିରି ବ୍ଲକ ଜିରାଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଞ୍ଜୀବ ଦାସଙ୍କୁ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପତି ପୁରସ୍କୃତ କରିଛନ୍ତି। ଶିକ୍ଷକ୍ ଦାସଙ୍କୁ ସମ୍ବର୍ଦ୍ଧିତ କରିବା ଉରଗି ଏହି ଅବସରରେ କେ.ଏମ.ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ହୋଇଛି। ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ଶିଅଳ, ଶିକ୍ଷକ ରାମଚନ୍ଦ୍ର ଦଳବେହେରା, ଯୋଡାମ୍ବ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରମେଶ ଚନ୍ଦ୍ର ଜେନା ଅତିଥି ରୂପେ ଉପସ୍ଥିତ ଥିଲେ। ଜୁନିୟର ରେଡକ୍ରସର ଛାତ୍ରୀଛାତ୍ରମାନେ ଦାସଙ୍କୁ ସ୍ୱାଗତ କରିଥିଲେ। ସ୍ୱାସ୍ଥ୍ୟ ସେବା ଓ ବନ୍ଧୁତା ମୋ ଜୀବନର ଶ୍ରେଷ୍ଠ ବ୍ରତ ଏବଂ ରେଡକ୍ରସ ପାଇଁ ମୁଁ ଉତ୍ସର୍ଗୀକୃତ ବୋଲି ଦାସ ନିଜ ବକ୍ତବ୍ୟରେ କହିଥିଲେ।

# ଔଷଧ ଦୋକାନକୁ ବୋମାମାଡ଼ ଘଟଣା, ୨ ଜେଲ ଗଲେ

ଦିଗପହଣ୍ଡି,୧୧।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମ ମୁଖ୍ୟରାସ୍ତା କଡ଼ରେ ଥିବା ଔଷଧ ଦୋକାନର ମାଲିକ ପ୍ରହଲ୍ଲାଦ ଡାକୁଆଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରିବା ଉଦ୍ଦେଶ୍ୟରେ ଦୋକାନ ଉପରକୁ ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ବୋମାମାଡ଼ କରାଯାଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଗୋକର୍ଣ୍ଣପୁର ଗ୍ରାମର ଶିବା ରେଡ୍ଡୀ ଏବଂ ତାଙ୍କ ସହଯୋଗୀ ଏଚ. ଚିନ୍ତାମଣି ରେଡ୍ଡୀଙ୍କୁ ପୋଲିସ ଗିରଫ କରିଛି। ଥାନା ମାମଲା ନଂ.୯୯/୨୫ରେ ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଜଣାଇଛନ୍ତି। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି।

କିଛିଦିନ ପୂର୍ବେ ହାଇସ୍କୁଲରେ ଜଣେ ନାବାଳିକା ଛାତ୍ରୀଙ୍କ ନଗ୍ନ ଫଟୋ ଭିଡିଓ ଉତ୍ତୋଳନ କରି ଭାଇରାଲ କରାଯାଇଥିବା ସମ୍ପର୍କରେ ଗତ ଫେବୃଆରୀ ୩ ତାରିଖରେ କେତେଜଣ ଗ୍ରାମବାସୀଙ୍କ ସହ ପ୍ରହଲ୍ଲାଦ ଥାନାକୁ ଆସି ଜଣାଇଥିଲେ। ଏନେଇ ପୋଲିସ ମାମଲା (ନଂ.୫୨/୨୫) ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଶିବା ରେଡ୍ଡୀଙ୍କୁ ଗିରଫ ପାଇଁ ତାଙ୍କ ଘରେ ଚଢ଼ାଉ କରିଥିଲା। ତେବେ ଶିବା ଫେରାର ହୋଇଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ପଦ୍ମନ ନାଇକ ଏବଂ ଜି.ଜଗନ୍ନାଥ ଦୋରାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଔଷଧ ଦୋକାନୀ ପ୍ରହଲ୍ଲାଦ ଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ଶିବା ତାଙ୍କ ଅନ୍ୟ ୨ ସହଯୋଗୀଙ୍କୁ ନେଇ ଗତ ରବିବାର ଦୋକାନ ଉପରକୁ ୩ଟି ବୋମା ଫିଙ୍ଗି ଚାଲିଯାଇଥିଲେ। ୨ଟି ବୋମା ଫୁଟିଥିବା ବେଳେ ଗୋଟିଏ ଫୁଟିନଥିଲା। ପ୍ରହଲ୍ଲାଦ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୋକାନ କ୍ୟାସ କାଉଣ୍ଟର ସହ କିଛି ପରିମାଣର ଔଷଧ ଜଳି ଯାଇଥିଲା।

# ମଞ୍ଜୁର ହେବାର ୯ ମାସ ବିତିଲାଣି, ଭତ୍ତା ପାଉନାହାନ୍ତି ବୃଦ୍ଧ

ତୁମୁଡିବନ୍ଧ,୧୧।୩ (ଦୀପକ କୁମାର ପରାସେଠ)


ବଣ୍ଡ ମାଝୀ।

କୁଟିଆ ଆଦିମ ଜନଜାତିର ଜଣେ ବୃଦ୍ଧଙ୍କ ଭତ୍ତା ମଞ୍ଜୁର ହେବାର ୯ ମାସ ବିତିଥିଲେ ମଧ ତାଙ୍କୁ ଏ ଯାଏ ଟଙ୍କା ମିଳିନି। କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତର ସୁରାଙ୍ଗବାରୁ ଗ୍ରାମରେ ଏଭଳି ଦେଖିବାକୁ ମିଳିଛି। ସୁରାଙ୍ଗବାରୁ ଗ୍ରାମର ବଣ୍ଡ ମାଝି (୬୫) ଓ ତାଙ୍କ ସ୍ତ୍ରୀ ଭଜ ମାଝି ଭଙ୍ଗା ଝାଟିମାଟି ଘରେ ରୁହନ୍ତି। ନିଃସନ୍ତାନ ଏହି ବୃଦ୍ଧ ଦମ୍ପତି କାମ କରିବାରେ ସକ୍ଷମ ନୁହଁନ୍ତି। ଅଭାବରୁ ସେମାନେ ଓଳିଏ ଖାଇବାକୁ ପାଇଲେ ଓଳିଏ ଉପାସରେ ରହୁଛନ୍ତି। ବଣ୍ଡ ୨୦୨୩ ନଭେମ୍ବର ମାସରେ ଭତ୍ତା ପାଇଁ ଆବେଦନ କରିଥିଲେ। ୨୦୨୪ ଜୁନ ମାସରୁ ଏହା ମଞ୍ଜୁର ହୋଇଛି ଓ ପ୍ରତି ମାସରେ ପଞ୍ଚାୟତକୁ ଟଙ୍କା ଯାଏ ବୋଲି ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ସାହୁ କହିଛନ୍ତି। ହେଲେ ବଣ୍ଡଙ୍କୁ ଟଙ୍କା ଦିଆ ନଯାଇ ତୁମର ଭତ୍ତା ହୋଇ ନାହିଁ କହି ପଞ୍ଚାୟତ ନିର୍ବାହୀ ଅଧିକାରୀ ଫେରାଇ ଦେଉଛନ୍ତି। ଜଣେ ଅଜ୍ଞ ଓ ନିରୀହ କୁଟିଆ ଆଦିମ ଜନଜାତି ବୃଦ୍ଧଙ୍କ ନଅ ମାସର ଭତ୍ତା ଦିଆ ନ ଯିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଲେଖ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ, ଭତ୍ତା ଟଙ୍କା ଦିଆଯିବ ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଲଘୁ ବନଜାତ ବିକ୍ରିରେ ବନାନୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି : ଡିଏଫଓ

ଭଞ୍ଜନଗର,୧୧।୩(ବାବୁଲା ପ୍ରଧାନ)

ଭଞ୍ଜନଗର ହାର୍ଟ ନଗରରେ ବନ ବିଭାଗ ପକ୍ଷରୁ ଥିବା ବନାନୀ କେନ୍ଦ୍ରର କୋଠାକୁ ଆଧୁନିକୀକରଣ କରାଯାଇ ଏହାର ଉଦ୍‌ଘାଟନ କରାଯାଇଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡିଏଫଓ ମହାନ୍ତି କହିଥିଲେ, ବନାନୀ ଲଘୁ ବନଜାତ ଦ୍ରବ୍ୟ ବିକ୍ରିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଗାମୀ ଦିନରେ ଉକ୍ତ ସଂସ୍ଥାର ଆହୁରି ବିକାଶ କରାଯିବ। ଉକ୍ତ କେନ୍ଦ୍ରରେ ଲଘୁ ବନଜାତ ଦ୍ରବ୍ୟ ସମେତ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ବିକ୍ରି ହେଉଛି। ତତ୍କାଳୀନ ଡିଏଫଓ ସୁଶାନ୍ତ ନନ୍ଦଙ୍କ ଉଦ୍ୟମରେ ୨୦୦୫ରେ ବନାନୀ ଖୋଲିଥିଲା। ପରେ ତାକୁ ପରବର୍ତ୍ତୀ ପର୍ଯ୍ୟାୟରେ ଆଗକୁ ନେବାରେ ତତ୍କାଳୀନ ରେଞ୍ଜର ତଥା ବର୍ତ୍ତମାନର ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଅବସରପ୍ରାପ୍ତ ଡିଏଫଓ ବିପିନ ବିହାରୀ ବେହେରା, ଶରତ ମିଶ୍ରଙ୍କ ସମେତ ଅନ୍ୟ କେତେ ଜଣ ଅବସରପ୍ରାପ୍ତ ଡିଏଫଓ ଏବଂ ରେଞ୍ଜରଙ୍କ ବିଶେଷ ଭୂମିକା ରହିଥିଲା। ବନାନୀ ପ୍ରତିଷ୍ଠା ଦ୍ୱାରା ବନ ସୁରକ୍ଷା ସମିତି କର୍ମକର୍ତ୍ତାମାନେ ଏଠାରେ ନିଜ ଦ୍ରବ୍ୟ ବିକ୍ରି କରି ଲାଭବାନ ହେଉଥିଲେ। ରାଜ୍ୟ ଓ ରାଜ୍ୟ ବାହାର ବିଭିନ୍ନ ମେଳାରେ ମଧ ବନ ବିଭାଗ ପକ୍ଷରୁ ବନାନୀର ଷ୍ଟଲ ଖୋଲିଥିଲା। ବହୁବର୍ଷ ଭଲରେ ଚାଲିଥିଲା ବନାନୀ। ମାତ୍ର ଆଜକୁ ପ୍ରାୟ ୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଉକ୍ତ ସଂସ୍ଥାର ବିକାଶ ପ୍ରତି ଧ୍ୟାନ ଗୁରୁତ୍ୱାରୋପ କରାଯାଇ ନ ଥିଲା। ବର୍ତ୍ତମାନ ଉକ୍ତ ସଂସ୍ଥାର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ପୂର୍ବପରି ଏହାକୁ ଚଳଚଞ୍ଚଳ କରାଯିବ। ଏସ୍‌ସିଏଫ ରଶ୍ମି ରଞ୍ଜନ ସ୍ୱାଇଁ, ବିବେକ ଦାସ, ରେଞ୍ଜର ପୃଥ୍ୱୀରାଜ ପ୍ରଧାନ, ପରିବେଶପ୍ରେମୀ ରମେଶ ପାତ୍ର, ବନପାଳ ଜୀବନ ତ୍ରିପାଠୀ, ଅନୁପ ବିଷୋୟୀ, ପୂର୍ବତନ ରେଞ୍ଜର ଅନୁପମ ବାନାର୍ଜୀ, ସୁରେଶ ସ୍ୱାଇଁ, ଶୁଳପାଣି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥି ମାନେ ବନାନୀ କେନ୍ଦ୍ର ବୁଲି ଦେଖୁଛନ୍ତି।

### ବନାନୀ କୋଠା ଉଦ୍‌ଘାଟିତ

